ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୦୧

Deepanjali Dugal,
Jr. Agrometeorologist

ସପ୍ତାହ ସଂଖ୍ୟା -୩୨

ବୁଲେଟିନ ନମ୍ବର :୬୪
ତାରିଖ : ୧୨.୦୮.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ୍ୟ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୬.୦୮.୨୦୨୫ ରୁ ୧୨.୦୮.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୨.୨ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୯.୮-୩୫.୪ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୧-୨୭.୭ |

ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୭.୦୮ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 13-08-2025 | 5 | 35 | 25 | 5 | 86 | 55 | 1 | 124 |
| 14-08-2025 | 5 | 35 | 25 | 5 | 89 | 60 | 6 | 94 |
| 15-08-2025 | 7 | 34 | 25 | 5 | 90 | 62 | 8 | 74 |
| 16-08-2025 | 7 | 33 | 25 | 5 | 90 | 65 | 7 | 58 |
| 17-08-2025 | 6 | 33 | 25 | 5 | 91 | 59 | 7 | 72 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୧-୦୮ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୩-୩୫ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୫ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୬ ରୁ ୯୧ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୫-୬୫ ପ୍ରତିଶତ ମଧ୍ୟରେ ରହିବ ।

### ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)

ଆସନ୍ତା ୧୪ ଓ ୧୫ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

### ଆଗାମୀ ୨ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:

ପ୍ରଥମ ସପ୍ତାହ: (୦୮ଅଗଷ୍ଟ ରୁ ୧୪ଅଗଷ୍ଟ ୨୦୨୫)
ଓଡିଶାର ସ୍ଥାନେ ସ୍ଥାନେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ସହ କିଛି ସ୍ଥାନରେ ପ୍ରବଳ ହେବାର ସମ୍ଭାବନା ଅଛି ।
ଦ୍ୱିତୀୟ ସପ୍ତାହ: (୧୫ଅଗଷ୍ଟ ରୁ ୨୧ଅଗଷ୍ଟ ୨୦୨୫)
ଓଡିଶାର ସ୍ଥାନେ ସ୍ଥାନେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ସହ କିଛି ସ୍ଥାନରେ ପ୍ରବଳ ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଜମିରେ ଧାନ ପ୍ରତିରୋପଣ ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ କରି ଦିଅନ୍ତୁ ।
- ବର୍ଷା ଯୋଗୁଁ ପନିପରିବାରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ପିଲ ଅବସ୍ଥା | • କାଣ୍ଡ ବିନ୍ଧା ପୋକ ପରିଚାଳନା<br>ପ୍ରାରମ୍ଭିକ ଅବସ୍ଥାରେ ଧାନ ଫସଲରେ କାଣ୍ଡ ବିନ୍ଧା ପୋକର ପ୍ରଜାପତି ଦେଖାଦେଲେ ଏହାର ପରିଚାଳନା ପାଇଁ ଏକର ପ୍ରତି ୮କିଲୋଗ୍ରାମ କାରଟାପ ହାଇଡ୍ରୋକ୍ଲୋରାଇଡ ୪ଜି (Cartap hydrochloride 4G) ନାମକ ଦାନାଦାର କୀଟନାଶକ କିମ୍ବା ୪କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୬କିଲୋଗ୍ରାମ ଇମିଡ଼ାକ୍ଲୋପ୍ରିଡ (Imidacloprid) ନାମକ ଦାନାଦାର କୀଟନାଶକ, |

| | | |
|---|---|---|
| | | ସମାନ ଓଜନର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ।<br>• ବୀଜାଣୁ ଜନିତ ପତ୍ର ପୋଡା<br>ଧାନ ଫସଲରେ ବୀଜାଣୁ ଜନିତ ପତ୍ର ପୋଡା ନହେବା ପାଇଁ Plantomycin @ ୧୦ ଗ୍ରାମ ୧୦ ଲିଟର ପାଣିରେ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ ଓ ଧାନ ରୋପଣ ୨୦ ମିନିଟ ପୂର୍ବରୁ ଚଳିର ଚେରକୁ ବୁଡାଇ ରଖି ବିଶୋଧନ କରନ୍ତୁ । |
| ମକା: | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଜୈବିକ ଉପାୟରେ ମକା ଫସଲରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୧୨୦୦ ଗ୍ରାମ ବିୟୁଭେରିଆ ବାସିଆନା ନାମକ ଜୈବିକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପ୍ରତି ୧୦-୧୨ ଟି ବାଉଁଶ କଣି ବା ଶୁଖିଲା ଡାଳ ପୋତିଲେ ତା ଉପରେ ଶିକାରୀ ପକ୍ଷୀ ଗୁଡିକ ବସି ଶୁକ ଏବଂ ଅଣ୍ଡା ଗୁଡିକୁ ଖାଇଥାନ୍ତି । ଟଅଁର ଆସିବା ପୂର୍ବରୁ ଏହି ବାଉଁଶ କଣି ଗୁଡିକୁ କାଢି ଦିଅନ୍ତୁ । ମକା ଗଛର ପତ୍ରସନ୍ଧାରେ ବାଲି, ମାଟି ଏବଂ ପାଉଁଶର ମିଶ୍ରଣକୁ ବିଞ୍ଚି ଦିଅନ୍ତୁ, ଏହା କରିବା ଦ୍ୱାରା ପତ୍ର ଗୁଡିକ ପୋକ ମାନଙ୍କର ଖାଇବା ପାଇଁ ଅରୁଚିକର ହୋଇଥାଏ।<br>• ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ Emamectin benzoate କିମ୍ବା ୧୦୦-ମିଲି Spinetoram କିମ୍ବା ୮୦-ମିଲି Chlorantraniliprole, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ ଆଖୁ ଫସଲରେ ନାଲି ଶଢା ରୋଗ ହେବାର ସମ୍ଭାବନା ଅଛି । ଏହାର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ କାରବେନଡାଜିମ ଏବଂ ମାଙ୍କୋଜେବ (carbendazim ଏବଂ mancozeb) ର ମିଳିତ ଫିମ୍ପିନାଶକ କିମ୍ବା ୪୦୦ଗ୍ରାମ ମେଟାଲାଗଜିଲ ଏବଂ ମାଙ୍କୋଜେବ (Metalaxyl ଏବଂ mancozeb) ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ହରଡ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ ସମୟରେ ହରଡରେ ପତ୍ରଛନ୍ଦା ପୋକ ଦେଖା ଦେବାର ସମ୍ଭାବନା ରହିଛି । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Chlorpyriphos ଓ Cypermethrin ର ମିଶ୍ରିତ କୀଟନାଶକ କିମ୍ବା ୪୦୦ମିଲି Profenophos ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଚିନାବାଦାମ ଫସଲରେ ବର୍ତମାନ କୋଡାଖୁସା କରି ଦିଅନ୍ତୁ ।<br>• ଟୀକା ରୋଗର ପରିଚାଳନା ପାଇଁ ୪୦୦ଗ୍ରାମ କ୍ଲୋରୋଥାଲୋନୀଲ (Chlorothalonil) କିମ୍ବା ୬୦୦ଗ୍ରାମ ମାଙ୍କୋଜେବ (Mancozeb) କିମ୍ବା ୩୦୦ମି.ଲି ହେକ୍ସାକୋନାଜୋଲ (Hexaconazole) ନାମକ ଫିମ୍ପିନାଶକ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| ରାଶି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ରାଶି ଗଛ ୧୫ ଦିନ ହୋଇଯାଇଥିଲେ କୋଡାଖୁସା କରି ପତଳା କରି ଦିଅନ୍ତୁ ଓ ଘାସ ବାଛି ଦିଅନ୍ତୁ । ଏକର ପ୍ରତି ୭ ରୁ ୮ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।<br>• ଆଗରୁ ଲଗାଯାଇଥିବା ରାଶିରେ ପତ୍ର ମୋଡା ପୋକ ଲାଗି ଥିଲେ Profenophos ୫୦% EC @ ୪୦୦ ମିଲି ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| କଖାରୁ, କାକୁଡି, କଲରା, ଜହ୍ନି | ଫୁଲ ଓ ଫଳ ଧରିବା ଅବସ୍ଥା | • ବର୍ତମାନ କଖାରୁ, କାକୁଡି, କଲରା, ଜହ୍ନି ଇତ୍ୟାଦି ଫସଲରେ ଫଳମାଛି ଦେଖା ଦେବାର ସମ୍ଭାବନା ଅଛି । ଏହାର ପରିଚାଳନା ପାଇଁ ପ୍ରଥମେ ୪ଲିଟର ପାଣିରେ ୨୦୦ ଗ୍ରାମ ଗୁଡ, ୪ ଟି ପାଚିଲା କଦଳୀ ଓ ୨ ମିଲି Imidachloprid କୀଟନାଶକ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷ ଥୋପକୁ ୧ଏକର ଫସଲରେ ୮୦ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଫଳମାଛି ଗୁଡିକ ଏହି ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । ଆବଶ୍ୟକସ୍ଥଳେ ରାସାୟନିକ ଉପାୟରେ ପ୍ରତି ୧୦ ଲିଟର ପାଣିରେ ୨.୫ମିଲି Spinosad ମିଶାଇ ସିଂଚନ କରନ୍ତୁ । |
| ଗେଣ୍ଡୁ ଫୁଲ | ଚାରା ଲଗାଇବା ଅବସ୍ଥା | • ଅଗଷ୍ଟ ମାସରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବେ।<br>• ଆଫ୍ରିକୀୟ ଗେଣ୍ଡୁ କିସମ ଗୁଡିକ ଯଥା- ଜାଏଣ୍ଟବଲ, ଆଫ୍ରିକାନ ଏଲୋ , ଏରଲି ଏଲୋ, ଏରଲି ଅରେଞ୍ଜ, ଜାଏଣ୍ଟବଲ ଆଫ୍ରିକାନ ଅରେଞ୍ଜ ଓ କ୍ରାଉନ ଓଫ ଗୋଲ୍ଡ ଇତ୍ୟାଦି ।<br>• ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ ଗୋବର ଖତ, ୪୦ କେଜି ଯବକ୍ଷାରଜାନ, ୮୦ କେଜି ଫସଫରସ ଓ ୮୦ କେଜି ପୋଟାସ ସାର ପ୍ରୟୋଗ କରନ୍ତୁ । ୨୫ ରୁ ୩୦ ଦିନ ତଳି ବା ଡାଳି କଲମି ଉପରବେଳା ରୁଅନ୍ତୁ । |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)